**ସାମାଜିକ କର୍ମୀଙ୍କ ପରଲୋକ**

ନନ୍ଦପୁର, (ଶଙ୍କର ପୂଜାରୀ)-ନନ୍ଦପୁର ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୩୭ ବର୍ଷ ଶିକ୍ଷକତା କରି ଅବସର ନେଇଥିବା ତଥା ଅଞ୍ଚଳର ସାମାଜିକ କର୍ମୀ ରୂପେ ପରିଚିତ ଏ. ଲୋକନାଥ(୭୮)ଙ୍କ ରବିବାର ପରଲୋକ ହୋଇଯାଇଛି। ଏହି ଖବର ପାଇ ନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ରବିବାର ସନ୍ଧ୍ୟାରେ ନନ୍ଦପୁର ହନୁମାନ ମନ୍ଦିର ସମ୍ମୁଖରେ ଲୋକନାଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ହୋଇଥିଲା। ଏଥିରେ ପଟାଙ୍ଗି ବିଧାୟକ ପିତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଏସଡିପିଓ ସଞ୍ଜୟ ମହାପାତ୍ର, ଗୋପାଳ କୃଷ୍ଣ ବେବର୍ତ୍ତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ।

# କ୍ରୀଡ଼ା, ସଂସ୍କୃତିର ପ୍ରଚାର ଲକ୍ଷ୍ୟ

## ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

କୋଷାଗୁମୁଡ଼ା, ୨୪।୧୨(ପ୍ରସାଦ ବିଷୋୟୀ)



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନବରଙ୍ଗପୁର ଜିଲା କୋଷାଗୁମୁଡା ସଦର ମହକୁମାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମିନି ଷ୍ଟାଡିୟମରେ ନୂ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ବିଡିଓ ଆଶିଷ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝି, ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ସମିତିସଭ୍ୟ ଲକ୍ଷ୍ମଣ ପୂଜାରୀ, ଜିପିଇଓ ତ୍ରିଲୋଚନ ଛଞ୍ଚାଣ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା, ସଂସ୍କୃତିର ପ୍ରଚାର ସହ ଯୁବ ସମାଜକୁ ସଚେତନତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ସନ୍ତୋଷପୁର ଓ କୋଷାଗୁମୁଡ଼ା ପଡିଆରେ କ୍ରୀଡା ଖେଳାଯାଇଥିବା ଫୁଟବଲ, କ୍ରିକେଟ, ଭଲିବଲ୍‌ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏହାପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି।

# କ୍ରୀଡ଼ା ଶରୀରକୁ ସୁସ୍ଥ, ମନକୁ ସତେଜ ରଖେ

## ଆଇଡିଆଲ ପବ୍ଲିକ ସ୍କୁଲର କ୍ରୀଡ଼ା ଉତ୍ସବ

ପଦ୍ମପୁର,୨୪।୧୨ (ପ୍ରଶାନ୍ତ କୁମାର କର)




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ଆଇଡିଆଲ ପବ୍ଲିକ ସ୍କୁଲର ମୁକୁନ୍ଦ ବିହାର ପରିସରରେ ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଡିଓ ସୁଜିତ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଗୁଡ଼ିଆବନ୍ଧର ସହକାରୀ ଶିକ୍ଷକ ସର୍ବେଶ୍ୱର ପରିଡ଼ା ଯୋଗଦେଇଥିଲେ। ପ୍ରଥମେ ଛାତ୍ରୀଛାତ୍ର ରାମଚନ୍ଦ୍ରଗୁଡା ଠାକୁରାଣୀଙ୍କଠାରୁ ମଶାଲ ଆଣିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ । କ୍ରୀଡ଼ା ମଧ୍ୟ ଶିକ୍ଷାର ଏକ ମୁଖ୍ୟ ଅଂଶ। କ୍ରୀଡ଼ା ଆମ ଶାରୀରିକ ଓ ମାନସିକ ଉନ୍ନତିରେ ସହାୟକ ହୁଏ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ଶିକ୍ଷାର ଏକ ଅପରିହାର୍ଯ୍ୟ ଅଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ, ଏହା ଶରୀରକୁ ସୁସ୍ଥ ରଖିବା ସହ ମନକୁ ମଧ୍ୟ ସତେଜ ରଖେ ବୋଲି ସମ୍ମାନିତ ଅତିଥି ପରିଡ଼ା କହିଥିଲେ। ପରେ ଅତିଥି ଶଟ୍‌ପୁଟ ଥ୍ରୋ ଖେଳି ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ସ୍କୁଲର ଅଧ୍ୟକ୍ଷା ଜ୍ୟୋତି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମିତୁ ପାଢ଼ୀ, ଶିକ୍ଷୟିତ୍ରୀ ଅର୍ପିତା ପଣ୍ଡା, ମନସ୍ୱିତା ପାଣିଗ୍ରାହୀ, ମଧୁସ୍ମିତା ମାଝି, ସୁଶ୍ରୀ, ଧରିତ୍ରୀ ଶବର ଓ ଶିକ୍ଷକ ସଞ୍ଜୟ ଶବର ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ଗୁଣପୁର, ୨୪।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଶିଶୁମନ୍ଦିର ଦ୍ୱାରା ଆପଣାଯାଇଥିବା ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ପୌରାଧ୍ୟକ୍ଷା ମମତା ଗୌଡ଼ ସମ୍ମାନିତ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନର ଉନ୍ନତି ପାଇଁ ପରିଷଦ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତି କୋଷାଧ୍ୟକ୍ଷ ସତ୍ୟ ନାରାୟଣ ପଟ୍ଟନାୟକ ଯୋଗଦେଇ ଭାରତୀୟ ସଂସ୍କୃତି ଆଧାରିତ ଶିକ୍ଷା ବ୍ୟବସ୍ଥାରେ ଶିଶୁ ମନ୍ଦିରର ଅବଦାନ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଯୋଗଦେଇ ଅନୁଷ୍ଠାନରେ ଯୁକ୍ତ ଦୁଇ ଶିକ୍ଷା ପାଠ୍ୟକ୍ରମ ଖୋଲିବା ପାଇଁ ବିଧାୟକଙ୍କ ସହଯୋଗ କାମନା କରିବା ସହ ପୌର ପରିଷଦ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି କହିଥିଲେ। ଶିଶୁମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୋମନାଥ ଗୌଡ଼ ସ୍ୱାଗତ ଭାଷଣ ଦେଇଥିଲେ। ଆଚାର୍ଯ୍ୟ ପରିତ୍ରାଣ ମହାପାତ୍ର ବ୍ୟକ୍ତିଗତ ଗୀତ ଗାନ କରିଥିଲେ। ଶିଶୁମାନଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମର ଶେଷ ଭାଗରେ ନୃତ୍ୟ ବିଚିତ୍ରା ଓ ପୌରାଣିକ ନାଟକ ଶିଶୁ ପରିବେଷଣ କରାଯାଇଛି। ସଙ୍କୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ସଙ୍କୁଳ ପ୍ରମୁଖ ତଥା ସମାଜିକ କର୍ମୀ ମନୋରଞ୍ଜନ ରଥ, ପୂର୍ବତନ ସଭାପତି ଲଳିତ କୁମାର ବୈଦ୍ୟଭୂଷଣ, ସଦସ୍ୟା ଅମ୍ବିକା ରାଣୀ ମହାପାତ୍ର, କୋଷାଧ୍ୟକ୍ଷ ପି. ଗୋବିନ୍ଦ ରାଓ, ସଦସ୍ୟା ପ୍ରତିଭା ରଥ, ଶିକ୍ଷା ବିକାଶ ସମିତି ଜିଲା ସହ ପ୍ରମୁଖ କୃଷ୍ଣପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ଉପସଭାପତି ମୋହନ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ସଞ୍ଜୁକ୍ତା ନାୟକ ଏବଂ ସନ୍ତୋଷୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାପତି ବି. ଗଜପତିରାଓ ଆର୍ଶୀବଚନ ପ୍ରଦାନ କରିଛନ୍ତି।

# ବୃକ୍ଷରୋପଣରୁ ଆରମ୍ଭ ହେଲା ଉତ୍ସବ

## ଆଦିତ୍ୟ ବିର୍ଲା ସ୍କୁଲର ବାର୍ଷିକ ଉତ୍ସବ 'ରିସ୍ତେ ଏକ୍ ଅନୋଖା ଏହସାସ୍'

ଟିକିରି,୨୪।୧୨(ପ୍ରଫୁଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଅଧୀନ ଓଷାପଡାସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ ପରିସରରେ ଅଧ୍ୟକ୍ଷା ରିଙ୍କୁ ବାନାର୍ଜୀଙ୍କ ସଭାପତିତ୍ୱରେ ବିଦ୍ୟାଳୟର ବାର୍ଷିକୋତ୍ସବ 'ରିସ୍ତେ ଏକ୍ ଅନୋଖା ଏହସାସ୍' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଉତ୍କଳ ଓ ଆଦିତ୍ୟ ଆଲୁମିନାର ୟୁନିଟ ହେଡ୍ ତଥା ସଭାପତି ମଜହର୍ ଉଲ୍ଲା ବେଗଙ୍କ ଦ୍ୱାରା ବୃକ୍ଷରୋପଣପୂର୍ବକ ଏହି ଉତ୍ସବ ଆରମ୍ଭ ହୋଇଥିଲା। ଉତ୍ସବରେ ସମ୍ମାନିତ ଅତିଥି ରୂପେ ଉତ୍କଳିନା ମହିଳା ସମିତି ସଭାନେତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ସଂରକ୍ଷକ ହିନା ବେଗ୍, ଉତ୍କଳ ଆଲୁମିନାର ସହଯୋଗୀ ସଭାପତି କୌଶିକ



ଉତ୍ସବକୁ ଅତିଥିଙ୍କୁ ସ୍ୱାଗତ କରାଯାଉଛି।

ଶରଣ ମିଶ୍ର, ମାନବ ସମ୍ବଳ ବିକାଶ ମୁଖ୍ୟ ବିଜୟା କୁମୁରା, ସିକ୍ୟୁରିଟି ବିଭାଗ ମୁଖ୍ୟ ଲେଫ୍ଟେନାଣ୍ଟ କର୍ଣ୍ଣେଲ ଶକ୍ତି ସିଂହଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଶିକ୍ଷା, କ୍ରୀଡା, ବିଜ୍ଞାନ, ସାଂସ୍କୃତିକ ଓ ବୈଷୟିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସ୍ୱତନ୍ତ୍ର ବିଷୟବସ୍ତୁକୁ ଆଧାର କରି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ବିଷୟବସ୍ତୁ 'ରିସ୍ତେ ଏକ୍ ଅନୋଖା ଏହସାସ୍' ଥିଲା। ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜୀବାନନ୍ଦ ଦାଶ ଧନ୍ୟବାଦ ଦେଇଥିଲେ।

# ମେଦନାରେ ଗୀତା ଜୟନ୍ତୀ



ପିଲାମାନଙ୍କୁ ଗୀତା ପୁସ୍ତକ ବଣ୍ଟନ କରାଯାଉଛି ।

ଡାବୁଗାଁ, ୨୪।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ସାମାଜିକ କର୍ମୀ ବାବୁଲାଲ ହରିଜନ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମେଦନା ଗ୍ରାମରେ ରବିବାର ଗୀତା ଜୟନ୍ତୀର ଆୟୋଜନ କରିଛନ୍ତି। ହିନ୍ଦୁ ମହାସଂଘ ମାର୍ଗଦର୍ଶକ ମଣ୍ଡଳୀ ଅଧ୍ୟକ୍ଷ ସୌଭାଗ୍ୟ ବାବା ମୁଖ୍ୟ ଅତିଥି, ହିନ୍ଦୁ ମହାସଂଘ ପ୍ରମୁଖ ଜୟନ୍ତ କୁମାର ପାତ୍ର ମୁଖ୍ୟ ବକ୍ତା ଏବଂ ଅତିଥିଭାବେ ବ୍ରାହ୍ମଣ ସମାଜ ସଭାପତି ଶିବପ୍ରସାଦ ମିଶ୍ର ଯୋଗ ଦେଇଛନ୍ତି। ମିହିରଶଙ୍କର ପାତ୍ର, ଗଗନ ଗନ୍ତାୟତ, ଡାକୃସି କଲାର, ଅବିଭକ୍ତ କୋରାପୁଟ ଜିଲା ଯୁବ ହିନ୍ଦୁ ମହାସଂଘ ସଭାପତି ଥବିର ପନକା, ଝରିଗାଁ ବ୍ଲକ ସଭାପତି ଗୁଡ୍ଡୁ ସାହୁ, ଗୋବିନ୍ଦ ମାଝି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନୀ ଏବଂ ଗୀତା ଜ୍ଞାନ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଛୋଟ ଛୋଟ ଶିଶୁଙ୍କ ସମେତ ସମସ୍ତ ଉପସ୍ଥିତ ବ୍ୟକ୍ତିଙ୍କୁ ଭଗବତ ଗୀତା ପ୍ରଦାନ କରାଯାଇଛି।



# ଟିକସ ଆଦାୟ କରୁଛି, ରକ୍ଷଣାବେକ୍ଷଣ କରୁନି ଆର୍‌ଏମ୍‌ସି

କୁନ୍ଦୁରା,୨୪।୧୨ (ସନ୍ତୋଷ ପ୍ରହରାଜ)





ହାଟର ପୁରୁଣା ଘରଗୁଡିକ ମରାମତି କରିବା ବଦଳରେ ଜରିପାଲ ଦେଇ ଘୋଡ଼ାଇ ରଖାଯାଇଛି। ବୁଧବାର ସାପ୍ତାହିକ ହାଟରେ ଦେଖା ଦେଉଥିବା ଟ୍ରାଫିକ ସମସ୍ୟା।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାରେ ବୁଧବାର ବସୁଥିବା ସାପ୍ତାହିକ ହାଟ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ହାଟ ମଧ୍ୟରେ ଥିବା ପିଣ୍ଡି ଏବଂ ପୁରୁଣା ଆଶ୍ରୟସ୍ଥଳୀଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏଠାରେ ବିପଜ୍ଜନକ ଅବସ୍ଥାରେ ଚାଷୀ ବ୍ୟବସାୟ କରୁଛନ୍ତି। କୁନ୍ଦୁରା ବ୍ଲକ ଅଧୀନରେ ୧୬ ପଞ୍ଚାୟତ ରହିଥିବା ବେଳେ ସେଥିରୁ ୮ ପଞ୍ଚାୟତର ଚାଷୀ ପରିବା ଚାଷକରି ଜୀବିକା ନିର୍ବାହ କରିଥାନ୍ତି। ଏହି ସାପ୍ତାହିକ ହାଟରେ ପନି ପରିବା ସମେତ ବାଉଁଶ ତିଆରି ଘରୋଇ ଉପକରଣ,ମାଟିହାଣ୍ଡି,ଝାଡୁ ଆଦି ବିକ୍ରି ହୋଇଥାଏ। ବର୍ଷାଦିନେ ହାଟ ମଧ୍ୟରେ କାଦୁଅ ଭର୍ତ୍ତି ହୋଇଯାଏ। ବହୁ କଷ୍ଟରେ ଚାଷୀ ଏଠାରେ ବ୍ୟବସାୟ କରିଥାନ୍ତି। ପୁରୁଣା କାଳର ଏହି ହାଟର ଆଶ୍ରୟସ୍ଥଳୀଗୁଡ଼ିକରେ ମହିଳାମାନେ ପ୍ରତ୍ୟହ ବିଭିନ୍ନ ଜିନିଷ ବିକ୍ରି କରିଥାନ୍ତି। ବୁଧବାର ସାପ୍ତାହିକ ହାଟରେ ପ୍ରାୟ ୧୦୦୦ରୁ ୧୨୦୦ ବ୍ୟବସାୟୀ ବିଭିନ୍ନ ବ୍ୟବସାୟ କରୁଥିବା ଦେଖିବାକୁ ମିଳେ। ସେମାନଙ୍କଠାରୁ ଜୟପୁର ନିୟନ୍ତ୍ରିତ ବଜାର କମିଟି ୧୦ ଟଙ୍କା ଲେଖାଏ ଟିକସ ଆଦାୟ କରୁଛି। ଏଠାରୁ ଲକ୍ଷାଧିକ ଟଙ୍କା ପ୍ରତି ମାସରେ ଆଦାୟ ହେଉଥିବା ବେଳେ ହାଟର ରକ୍ଷଣାବେକ୍ଷଣ ପ୍ରତି ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ବାଣ୍ଡୁଆଗୁଡ଼ା ପଞ୍ଚାୟତର ତାରାପୁଟ ହାଟ ସୋମବାର,ଡଙ୍ଗରପାଉଁଶି ପଞ୍ଚାୟତର ଭେଜାହାଣ୍ଡି ହାଟ ରବିବାର,ଲିମା ପଞ୍ଚାୟତର ପ୍ରଧାନିଗୁଡ଼ା ହାଟ ଗୁରୁବାର, ଦିଗାପୁର ପଞ୍ଚାୟତର ଖୁଣ୍ଟୁପିଠାରେ ମଧ ହାଟ ଗୁରୁବାର ବସେ। ଏହି ହାଟଗୁଡ଼ିକର ଉନ୍ନତି, ରକ୍ଷଣାବେକ୍ଷଣ ପ୍ରତି ଆର୍‌ଏମ୍‌ସି ଗୁରୁତ୍ୱ ନ ଦେବାରୁ ଧୀରେ ଧୀରେ ସବୁ ବନ୍ଦ ହୋଇଗଲାଣି। ବୁଧବାର କୁନ୍ଦୁରାରେ ବସୁଥିବା ହାଟରେ ଥିବା ପୁରୁଣା ଘରଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଲାଣି। ସେଗୁଡ଼ିକର ନିର୍ମାଣ ପରିବର୍ତ୍ତେ ଜରିପାଲ ଦେଇ ଘୋଡ଼େଇ ରଖାଯାଇଛି। ହାଟରେ ପରିବା ବ୍ୟବସାୟୀଙ୍କୁ ବସିବାକୁ ଜାଗା ହେଉ ନ ଥିବାରୁ ସେମାନେ ରାସ୍ତାରେ ବସି ବ୍ୟବସାୟ କରିବା ପାଇଁ ବାଧ୍ୟ ହେଉଛନ୍ତି। ଫଳରେ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦେଇଥାଏ। ଏନେଇ ତତ୍କାଳୀନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକଙ୍କୁ ଭେଟି ହାଟର ପୁନରୁଦ୍ଧାର ଲାଗି ଦାବି କରିଥିଲେ ମଧ୍ୟ ଏଯାଏ କିଛି ସୁଫଳ ମିଳିନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଆରଏମ୍‌ସି ସମ୍ପାଦକ ଚନ୍ଦ୍ର ସେଠିଆଙ୍କୁ ପଚାରିବାକୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ।

**ପରିତ୍ୟକ୍ତ ଅବସ୍ଥାରେ ହାଟ**
- ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି ହାଟ ପିଣ୍ଡି
- ରାସ୍ତାରେ ବସୁଛି ପନିପରିବା ବଜାର
- ସାପ୍ତାହିକ ହାଟ ଦିନ ଦେଖାଦେଉଛି ଟ୍ରାଫିକ ସମସ୍ୟା

## ସଂକ୍ଷେପରେ

### ଗଞ୍ଜେଇ ଚୋରାଚାଲାଣ ବେଳେ ୨ ଗିରଫ



ଜୟପୁର, ୨୪।୧୨ (ପବନ ପାଣିଗ୍ରାହୀ)

ଗଞ୍ଜେଇ ଚୋରାଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରି ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଉମରକୋଟ ଅଞ୍ଚଳର ସିଦ୍ଧାର୍ଥ ମଣ୍ଡଳ (୨୩) ଓ ଗଣେଶ ରାୟ (୩୨) । ସଦର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବାଲିଆ ଦେଇ ଏକ ବାଇକ ଆସୁଥିଲା । ବାଇକ୍‌ରେ ଦୁଇ ଜଣ ବସିଥିବା ବେଳେ ସେମାନେ ଏକ ଜରି ବସ୍ତା ଧରିଥିଲେ। ପୋଲିସ ସନ୍ଦେହରେ ସେମାନଙ୍କୁ ଅଟକାଇ ଯାଞ୍ଚ କରି ସେଥିରୁ ୨୩ କେଜି ଗଞ୍ଜେଇ ଜବତ କରିଥିଲା। ପଚରା ଉଚରା ବେଳେ ସେମାନେ ବୈପାରିଗୁଡାର ଉପାନ୍ତ ଅଞ୍ଚଳରୁ ଗଞ୍ଜେଇ ଆଣି ଚଢା ଦରରେ ବିକ୍ରି ପାଇଁ ରାଞ୍ଚି ନେଉଥିଲେ ବୋଲି ଉଭୟେ ପ୍ରକାଶ କରିଛନ୍ତି। ପୋଲିସ ଉଭୟଙ୍କୁ ଗିରଫ କରି ସେମାନଙ୍କଠାରୁ ବାଇକ, ୨ଟି ମୋବାଇଲ, ଓ ୨୩ କେଜି ଗଞ୍ଜେଇ ଜବତ କରିଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ମନୋଜ ଓୟୁଜେର ସାଙ୍ଗଠନିକ ସମ୍ପାଦକ



ସୁନାବେଡ଼ା,୨୪।୧୨ (କୃତ୍ତିବାସ ପ୍ରଧାନ)

ଓଡ଼ିଶା ସାମ୍ବାଦିକ ୟୁନିୟନ(ଓୟୁଜେ)ର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଭାବେ ବରିଷ୍ଠ ଖବରଦାତା କୋରାପୁଟର ମନୋଜ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ୨୦୨୩-୨୫ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟ କରିବେ। ଓୟୁଜେ ରାଜ୍ୟ ସଭାପତି ଭାବେ ପ୍ରସନ୍ନ ମହାନ୍ତି ଉପସଭାପତି ଭାବେ ରାଜୀବ ମହାନ୍ତି ଓ ସାଧାରଣ ସମ୍ପାଦକ ଭାବେ କମ୍ବୁପାଣି ମିଶ୍ର, ସମ୍ପାଦକ ଭାବେ ପ୍ରଶାନ୍ତ ବେହେରା, ପ୍ରସନ୍ନ ପାଇକରାୟ, କୋଷାଧ୍ୟକ୍ଷ ଭାବେ ଅମୂଲ୍ୟ ରଞ୍ଜନ ସ୍ୱାଇଁ ସାଙ୍ଗଠନିକ ସମ୍ପାଦକ ଭାବେ ମନୋଜ ପଟ୍ଟନାୟକ, ଋତୁରାଜ ସିଂ, ରବୀନ୍ଦ୍ର ମହାକୁଡ, ତ୍ରିଲୋଚନ ଦାଶ ନିର୍ବାଚିତ ହୋଇଛନ୍ତି। ସାମ୍ବାଦିକଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରେଷ୍ଟିଜ, ପ୍ରୋଟେକ୍ସନ, ପେନ୍‌ସନ ଦାବି ପୂରଣ କରିବାକୁ ସରକାରଙ୍କ ନିକଟରେ ଦାବିକୁ ଜୋରଦାର କରାଯିବ ବୋଲି ନବନିର୍ବାଚିତ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

### ଖ୍ରୀଷ୍ଟମାସ୍ ପାଇଁ ପ୍ରଧାନମଣ୍ଡଳୀ ଚଳଚଞ୍ଚଳ

ଜୟପୁର,୨୪।୧୨(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ସ୍ଥାନୀୟ ଐତିହ୍ୟ ଜୟଲୁମ ମଣ୍ଡଳୀଠାରେ ଖ୍ରୀଷ୍ଟମାସ ତଥା ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ପବିତ୍ର ଜନ୍ମ ଉତ୍ସବ ପାଳିତ ହେଉଛି। ରବିବାର ପ୍ରଭୁ ଯୀଶୁ ଧରାପତରଣ କରିବାକୁ ଥିବାରୁ ଧରା ଖ୍ରୀଷ୍ଟିଆନ ଧର୍ମାବଲମ୍ବୀମାନେ ଜୟଲୁମ ପ୍ରଧାନ ମଣ୍ଡଳୀରେ ସନ୍ଧ୍ୟା ଉପାସନା କରିଥିଲେ। ସାରା ପୃଥିବୀରେ ଆଜି ପବିତ୍ର ଖ୍ରୀଷ୍ଟଜନ୍ମ ପର୍ବ ପାଳନ କରାଯାଉଥିବା ବେଳେ ଜୟପୁରରେ ମଧ ଜୟପୁର ତଥା ଅବିଭକ୍ତ କୋରାପୁଟ ଜିଲାର ୧୧୨ ବର୍ଷର ମଣ୍ଡଳୀ ଜୟଲୁମ ପ୍ରଧାନ ମଣ୍ଡଳୀରେ ଆନନ୍ଦ ଓ ଉଲ୍ଲାସର ସହ ଖ୍ରୀଷ୍ଟ ମାସ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ଜୟପୁର ପ୍ରଧାନ ମଣ୍ଡଳୀ ଆଲୋକ ମାଳାରେ ଝଲସୁଛି।

## ପୋଲାଭରମ ପ୍ରକଳ୍ପକୁ ବିରୋଧକରି ସାଇକେଲ ଯାତ୍ରା

ସେମିଳିଗୁଡ଼ା/ସୁନାବେଡ଼ା, ୨୪।୧୨ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ଆନ୍ଧ୍ର ପ୍ରଦେଶର ପୋଲାଭରମ ପ୍ରକଳ୍ପକୁ ବିରୋଧକରି ମାଲକାନଗିରି ଜିଲା ସୀମାନ୍ତ ମୋଟୁ ଅଞ୍ଚଳରୁ ପୁରୀ ପର୍ଯ୍ୟନ୍ତ ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି ଆଇନଜୀବୀ ଲମ୍ବୋଦର ଡୁରୁକ। ଚଳିତ ମାସ ୨୦ ତାରିଖରୁ ସେ ସିଲେରୁ ଓ ସାବେରୀ ନଦୀର ସଙ୍ଗମସ୍ଥଳରୁ ଜଳ ସଂଗ୍ରହକରି ପୂଜାର୍ଚ୍ଚନା ପରେ ପୁରୀ ଅଭିମୁଖେ ବାହାରିଛନ୍ତି। ଏହି ପ୍ରତିବାଦକୁ ପୋଲାଭରମ ବିରୋଧୀ ମଞ୍ଚର ଜାତୀୟ କମିଟି ଅଧ୍ୟକ୍ଷ ପ୍ରଭାକର ହନ୍ତାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶନିବାର ତୃତୀୟ ଦିନରେ ଡୁରୁକ କୋରାପୁଟ ଜିଲାର ସେମିଳିଗୁଡ଼ାରେ ପହଞ୍ଚିଥିଲେ। ସେମିଳିଗୁଡ଼ାର ଗୁରୁଦ୍ୱାର ଛକ ନିକଟରେ ଅଧ୍ୟକ୍ଷ ହନ୍ତାଳ, ପୌର ଉପାଧ୍ୟକ୍ଷା ରତୁ କଣ୍ଟା, ସୁନାବେଡ଼ା ପୌର ପରିଷଦ ବିଜେଡି କାର୍ଯ୍ୟକାରୀ ସଭାପତି ସୁକାନ୍ତ ପଟ୍ଟନାୟକ, କାଉନସିଲର ମମତା ରାୟ, ଆଦିତ୍ୟ ହନ୍ତାଳ, ରଘୁ ଦୁରିଆ, ପ୍ରକାଶ ବେନିଆ, କିରଣ ଡଙ୍ଗରି ଓ ଚନ୍ଦନ ବଡବୁର ପ୍ରମୁଖ ଡୁରୁକଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସ୍ୱାଗତକରି ତାଙ୍କ ଯାତ୍ରାର ସଫଳତା କାମନା କରିଥିଲେ। ପୋଲାଭରମ ପ୍ରକଳ୍ପ ଦ୍ୱାରା ଓଡ଼ିଶା ମାନଚିତ୍ରରୁ ସିଲେରୁ ଓ ସାବେରୀ ନଦୀ ଲୋପ ପାଇବାକୁ ବସିଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି ଉଚିତ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଡ୍ୟାମ୍ ନ ଥାଇ ୧୯୮୬ ଓ ୨୦୦୬ରେ ବନ୍ୟାଜଳ ଦ୍ୱାରା ମାଲକାନଗିରି ଜିଲାର କାଳିମେଳା, ପଡ଼ିଆ, କୋରୁକୋଣ୍ଡା ଓ ମାଥିଲି ବ୍ଲକର ୧୩୦ ଖଣ୍ଡ ଗ୍ରାମ ପ୍ରଭାବିତ ହୋଇଥିଲା। ସୂଚନାଯୋଗ୍ୟ, ନିୟମ ଉଲ୍ଲଂଘନ କରି ଆନ୍ଧ୍ରପ୍ରଦେଶ ଜନଶୁଣାଣି ନ କରି ଇନ୍ଦିରା ସାଗରରେ ପୋଲାଭରମ ଡ୍ୟାମ୍ ନିର୍ମାଣ କରୁଛି। ରାଜ୍ୟ ସରକାର ପ୍ରକଳ୍ପ ବିରୋଧରେ ଉଚିତ ପଦକ୍ଷେପ ନେବାକୁ ଦାବିକରି ଡୁରୁକ ଏହି ସାଇକେଲ ଯାତ୍ରା କରିଛନ୍ତି।



ସେମିଳିଗୁଡ଼ାରେ ପହଞ୍ଚିଥିବା ଲମ୍ବୋଦର ଡୁରୁକ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଜୟପୁର,୨୪।୧୨(ପବନ ପାଣିଗ୍ରାହୀ)

ଶାରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ମନୋରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ ପୂର୍ବତନ ସଂଘ ଚାଳକ ଅଶୋକ ସାହୁ, ସମ୍ମାନିତ ଅତିଥି ରୂପେ ସରସ୍ୱତୀ ବିଦ୍ୟାମନ୍ଦିରର ସଭାପତି ରୂପସିଂ ରାଉତ, ବିଦ୍ୟାଳୟ ସମ୍ପାଦକ ପଙ୍କଜ ପାତ୍ର, ଯୁଗ୍ମ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ପୂର୍ବତନ ଛାତ୍ର ପରିଷଦ ଉପସଭାପତି କେ.ସୁନୀଲ କୁମାର, ପ୍ରାନ୍ତ ଉପ-ସଭାପତି ସୌମେନ୍ଦ୍ର ପାଢୀ, ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସେଠୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବାହିନୀପତି କହିଲେ, ଶିଶୁମାନଙ୍କୁ ଯେଉଁ ସଂସ୍କାର ଏହି ବିଦ୍ୟାଳୟଗୁଡ଼ିକରେ ପ୍ରଦାନ କରାଯାଉଛି ତାହା ଅନ୍ୟତ୍ର ଦେଖିବାକୁ ମିଳେନାହିଁ। ଏଭଳି ବିଦ୍ୟାଳୟରେ ଯୁକ୍ତ ୨ ବିଦ୍ୟାଳୟ ନିଶ୍ଚିତ ଭାବେ ହେବା ଉଚିତ। ଏଥିପାଇଁ ଯାହା ଆବଶ୍ୟକତା ଥିବ ତାହା ପୂରଣ କରାଯିବ। ମୁଖ୍ୟ ବକ୍ତା ପୂର୍ବତନ ସଂଘଚାଳକ ସାହୁ ନିଜ ଅଭିଭାଷଣରେ ଶିଶୁମନ୍ଦିରର ଲକ୍ଷ୍ୟ, ଉଦ୍ଦେଶ୍ୟ ତଥା ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତି କିପରି ସମ୍ଭବ ହେବ ସେ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ ହୋଇଥିଲା। ପ୍ରଧାନାଚାର୍ଯ୍ୟ ସତ୍ୟନାରାୟଣ ସେଠୀ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଶିଶୁ ଭଉଣୀଭାଇମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଅତିଥିମାନେ ବିଦ୍ୟାଳୟ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ବୋରିଗୁମ୍ମାରେ ଜୁଡିସିଆଲ କମ୍ପ୍ଲେକ୍ସ ପାଇଁ ଶିଳାନ୍ୟାସ

ବୋରିଗୁମ୍ମା,୨୪।୧୨ (ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଦୁଲ୍ଲାଗୁଡା ଗ୍ରାମ ନିକଟରେ ବୋରିଗୁମ୍ମା ଜୁଡ଼ିସିଆଲ କମ୍ପ୍ଲେକ୍ସ ନିର୍ମାଣ ପାଇଁ ରବିବାର ଶିଳାନ୍ୟାସ ହୋଇଛି। ଏହି କାର୍ଯ୍ୟକ୍ରମରେ ଓଡିଶା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ବିଚାରପତି ଡ. ସଂଜୀବ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଜୁଡ଼ିସିଆଲ କମ୍ପ୍ଲେକ୍ସର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଉଚ୍ଚନ୍ୟାଳୟର ବିଚାରପତି ଆର.ଏମ. ରାମନା, ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ପ୍ରତାପ ପାତ୍ର, ହାଇକୋର୍ଟ ପ୍ରିନ୍ସିପାଲ ସେକ୍ରେଟାରୀ ଆନନ୍ଦ ଦାସ ଓ ଅଖିଳ ପଶ୍ଚିମକବାଟ, ଜିଲା ଜଜ ସତ୍ୟ ନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୟପୁର-ବୋରିଗୁମ୍ମା ବରିଷ୍ଠ ଓକିଲ ଲାଲୁ ଷଡ଼ଙ୍ଗୀ, ବୋରିଗୁମ୍ମା ଓକିଲ ସଂଘ ସଭାପତି କେ. ନାଗରାଜ ଦୋରା, ସମ୍ପାଦକ ଚନ୍ଦ୍ରଶେଖର ବେଗରାଇ, ସରକାରୀ ଓକିଲ ମୁନ୍ନା ଦୋରା , ପ୍ରସାଦ ବିଡ଼ିକା, ବରିଷ୍ଠ ଆଇନଜୀବୀ ସୁବାଷ ଚନ୍ଦ୍ର ନାୟକ, ଜଗଦୀଶ ପ୍ରସାଦ ରାଓ, ରମେଶ ମିଶ୍ର ବିଚାରପତିଙ୍କୁ ସ୍ୱାଗତ କରିଥିଲେ। ବୋରିଗୁମ୍ମା ଥାନା ଅଧିକାରୀ ଯୁଗଳ କିଶୋର ସା, ବି. ସିଂହପୁର ଥାନାଅଧିକାରୀ ସମିତ ସ୍ୱାଇଁଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ଜୁଡ଼ିସିଆଲ କମ୍ପ୍ଲେକ୍ସ ନିର୍ମାଣ ହେବ।

## ମାଲକାନଗିରିରୁ ଅଯୋଧ୍ୟା ଚାଲି ଚାଲି ବାହାରିଲେ ୨ ଭକ୍ତ



...

ମାଲକାନଗିରି,୨୪।୧୨(ଦୁର୍ଯ୍ୟୋଧନ ପାତ୍ର)

**ରାମମନ୍ଦିର ପ୍ରତିଷ୍ଠା ଉତ୍ସବ**

ଜାନୁୟାରୀ ୨୨ରେ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବା ପାଇଁ ମାଲକାନଗିରି ଜିଲାରୁ ୨ଜଣ ଭକ୍ତ ଦିନେଶ ପଟ୍ଟନାୟକ ଓ ଭଗବାନ ଦୁର୍ଗା ଅଯୋଧ୍ୟାକୁ ପଦଯାତ୍ରା ଆରମ୍ଭ କରିଛନ୍ତି। ପ୍ରାୟ ୧ମାସ ଧରି ଉଭୟେ ଯାତ୍ରାକରି ଅଯୋଧ୍ୟାରେ ପହଞ୍ଚିବା ଲକ୍ଷ୍ୟ ରଖିଛନ୍ତି। ୧୨ଶହରୁ ଉର୍ଦ୍ଧ୍ୱ କି.ମି. ରାସ୍ତା ଚାଲି ଚାଲି ଅତିକ୍ରମକରି ଜାନୁୟାରୀ ୨୨ରେ ଅଯୋଧ୍ୟାରେ ପହଞ୍ଚିବେ ବୋଲି ଆଶା ରଖିଛନ୍ତି। ପୁରାଣ କିମ୍ବଦନ୍ତୀ ଅନୁଯାୟୀ ମାଲକାନଗିରି ଜିଲାରେ ପ୍ରଭୁ ଶ୍ରୀରାମଙ୍କର ପାଦ ପଡ଼ିଥିଲା, ଯାହାର ପ୍ରମାଣ ରହିଥିବା ବେଳେ ଜିଲାର ପବିତ୍ର ତମସା ନଦୀକୁ ନେଇ ମଧ ପୁରାଣରେ ଅନେକ କିଛି ଉଲ୍ଲେଖ ରହିଛି । ତେଣୁ ଏହି ଦୁଇ ଭକ୍ତ ପବିତ୍ର ତମସା ନଦୀରୁ ଜଳ ସଂଗ୍ରହକରି ଅଯୋଧ୍ୟା ଅଭିମୁଖେ ବାହାରିଛନ୍ତି ।

## ଜିଲା କୋର୍ଟର ୭୫ ବର୍ଷ ପୂର୍ତ୍ତି ଉତ୍ସବ

ଜୟପୁର, ୨୪।୧୨ (ପବନ ପାଣିଗ୍ରାହୀ)- ଜୟପୁରସ୍ଥିତ ଜିଲା କୋର୍ଟରେ ୭୫ ବର୍ଷପୂର୍ତ୍ତିଉତ୍ସବ ରବିବାର ପାଳିତ ହୋଇଛି। ଜିଲା କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ବିଦ୍ୟୁତ ରଞ୍ଜନ ଷଡୀଙ୍ଗୀ,ମୁଖ୍ୟବକ୍ତା ଭାବେ ବିଚାରପତି ସଞ୍ଜୀବ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ବିଚାରପତି ଏମ୍.ଏସ. ରମନ. ବିଚାରପତି ରାଧା କୃଷ୍ଣ ପଟ୍ଟନାୟକ, ବିଚାରପତି ଶିବ ଶଙ୍କର ମିଶ୍ର, ଉପସ୍ଥିତ ଥିଲେ। ଏହି ଅବସରରେ ଜୁଡିସିଆଲ ଟ୍ରାଞ୍ଜିଟ ହାଉସ ଓ ଜିଲା ଓକିଲ ସଂଘର ନୂତନ କୋଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଜିଲା ଜଜ ସତ୍ୟ ନାରାୟଣ ମିଶ୍ର, ଭିଜିଲାନ୍ସ ଜଜ ରାଜେଶ ଏକ୍କା, ପରିବାର ଅଦାଲତ ବିଚାରପତି ପବିତ୍ର ମୋହନ ସାମଲ, ଫାଷ୍ଟଟ୍ରାକ ଜଜ ପ୍ରଜ୍ଞା ନଳିନୀ ମିଶ୍ର, ମହିଳା କୋର୍ଟରେ ଅଞ୍ଜଳି ମାଛଖଣ୍ଡ, ଓକିଲ ସଂଘ ସଭାପତି ବୀରେଶ ପଟ୍ଟନାୟକ, ସମ୍ପାଦକ ଶରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ମାଣ ପରେ ମରାମତି ହେଉନି ରାସ୍ତା

ଗୋବିନ୍ଦପାଲ୍ଲୀ,୨୪।୧୨(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ହୋଇଛି ଅନେକ ସଡ଼କ। ଏହି ରାସ୍ତା ତିଆରି ନିମ୍ନମାନର ହୋଇଥିବାରୁ ରାସ୍ତାଟି ତିଆରି ହେବାର ଅଳ୍ପଦିନ ଭିତରେ ନଷ୍ଟହୋଇ ଖାଲଖମାରେ ପୂର୍ଣ୍ଣ ହୋଇଛି। ଏଭଳି ରାସ୍ତା ହେଉଛି ମାଡ଼କାପଦର ପଞ୍ଚାୟତ ବାହାଦୁରଗୁଡ଼ା ଛକଠାରୁ ମହୁଲପୁଟ ପର୍ଯ୍ୟନ୍ତ ଲମ୍ବିଥିବା ପ୍ରାୟ ୯ କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତା। ଏହାର ନିର୍ମାଣ ପରେ ଖାଲଖମାରେ ପୂର୍ଣ୍ଣ ହୋଇଛି। କାମ ୪ ବର୍ଷ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ଏହାର ମରାମତିକରାଯାଉନାହିଁ। ସେଥିପାଇଁ ସ୍ଥାନୀୟ ବାସିନ୍ଦା ହଇରାଣ ହେଉଛନ୍ତି ବୋଲି ଅଞ୍ଚଳବାସୀ କହିଛନ୍ତି। ଅନେକ ଜାଗାରେ ନୂତନ ରାସ୍ତା ନାହିଁ। ଏହି ରାସ୍ତା ଦେଇ ମହୁଲପୁଟ,ଗୁମାଝରଣ, ତୋଟାଗୁଡ଼ା, ଶୁକ୍ରିପୁଟ, ପାକନାଗୁଡ଼ା, ଗାରିଆଗୁଡ଼ା, ନୂନଖାରି, ବାହାଦୁରଗୁଡା, ତେନ୍ତୁଳିଗୁଡା, ଡାମନାଅଟାଳ, ଅଟାଳଗୁଡା,ସେମିଳିଗୁଡା, ବୀଯାପଦର ଓ ପିପଲପୁଟ ଆଦି ଗ୍ରାମ ଲୋକେ ପଞ୍ଚାୟତ କାର୍ଯ୍ୟାଳୟ,ବ୍ଲକ,ସାପ୍ତାହିକ ହାଟ, ଦୈନିକ ବଜାର,ଡାକ୍ତରଖାନାକୁ ଯିବା ଆସିବା ପାଇଁ ନିର୍ଭର କରନ୍ତି। ରାସ୍ତା ମରାମତି ୫ ବର୍ଷ ପର୍ଯ୍ୟନ୍ତ ହେବ ବୋଲି ସୂଚନା ଫଳକରେ ଲେଖା ରହିଛି।



ଶୋଚନୀୟ ହୋଇପଡ଼ିଥିବା ରାସ୍ତା ।

**ଗୁମାଝରଣ ଜଳପ୍ରପାତରେ କମୁଛି ଭିଡ଼**

ଏହି ଅଞ୍ଚଳରେ ଗୁମ୍ମାଝରଣ ଜଳପ୍ରପାତ ଅଛି। ଯେଉଁଠାକୁ ପ୍ରତି ବର୍ଷ ବହୁ ସଂଖ୍ୟକ ପର୍ଯ୍ୟଟକ ବିଭିନ୍ନ ଜିଲାରୁ ଆସିଥାନ୍ତି। ଏହି ରାସ୍ତା ଭଲ ଭାବେ ମରାମତି ହେଲେ ଆମେ ଉପକୃତ ହେବା ସହ ପର୍ଯ୍ୟଟକମାନେ ମଧ୍ୟ ସହଜରେ ଗୁମାଝରଣ ଜଳପ୍ରପାତକୁ ଆସିପାରିବେ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

## 'ଆଦିବାସୀ ସଂସ୍କୃତିରେ ମାନବୀୟ ମୂଲ୍ୟବୋଧ' ଶୀର୍ଷକ ଆଲୋଚନାଚକ୍ର

କୋରାପୁଟ,୨୪।୧୨(ଅମିତାଭ ବେହେରା)

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରାହଳୟଠାରେ ରବିବାର ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀ ଓ କୋରାପୁଟ ସାହିତ୍ୟ ପରିବାରର ମିଳିତ ଆନୁକୂଲ୍ୟରେ 'ଆଦିବାସୀ ସଂସ୍କୃତିରେ ମାନବୀୟ ମୂଲ୍ୟବୋଧ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି ଆଦିବାସୀ ସଂସ୍କୃତି ଗବେଷକ, କୋଟସ୍‌ର ଉପନିର୍ଦ୍ଦେଶକ ତଥା ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଡ.ଜଗବନ୍ଧୁ ସାମଲ ସଭାପତିତ୍ୱ କରିଥିଲେ। ଗବେଷକ ମଧୁସୂଦନ ସ୍ୱାଇଁ, ଗବେଷକ ଡ.ପ୍ରଦୀପ ମିଶ୍ର, ଗାଳ୍ପିକ ରମେଶ ଚନ୍ଦ୍ର ସାହୁ ଏବଂ ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀର ଓଡ଼ିଆଭାଷା ପାରିଷଦର ସଦସ୍ୟା ଡ.ପ୍ରୀତିଧାରା ସାମଲ ଆଲୋଚକ ରୂପେ ସ୍ୱରଚିତ ପ୍ରବନ୍ଧ ପାଠ କରିଥିଲେ। କବି ତଥା କୋରାପୁଟ ସାହିତ୍ୟ ପରିବାରର ଉପ ସଭାପତି ରବି ଶତପଥୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଗାଳ୍ପିକ ନାରାୟଣ ପଣ୍ଡା, ଡ.ଜୟନ୍ତ ମହାନ୍ତି, ଡ.ଅମୂଲ୍ୟ ମହାପାତ୍ର, ଡ.ଚିତ୍ତରଞ୍ଜନ ମିଶ୍ର, ଅନୁବାଦକ ବିଜୟ ପ୍ରଧାନ, ଡ.ସନ୍ଧ୍ୟାରାଣୀ ପଟ୍ଟନାୟକ, ସ୍ନିଗ୍ଧା ମିଶ୍ର , ଜଳଧର ସ୍ୱାଇଁ, ଅମିତାଭ ବେହେରା, ଅଜୟ ସାହୁ , ସି.ଏଚ ଶାନ୍ତାକାର , ତ୍ରିଲୋଚନ ମହାରଣା, ଗୋପୀନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

## ପରିବାର ଗଠନରେ ନାରୀର ଭୂମିକା ଅତୁଳନୀୟ

କୋରାପୁଟ,୨୪।୧୨(ଅମିତାଭ ବେହେରା)

କୋରାପୁଟ ଟାଉନହଲଠାରେ ରବିବାର ମହିଳାମାନଙ୍କୁ ନେଇ ଏକ ମାତୃଶକ୍ତି ସମ୍ମିଳନୀ 'ତପସ୍ୱିନୀ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ରୁଦ୍ରାଣି ମହାନ୍ତି ଓ ସମ୍ମାନିତ ଅତିଥିଭାବେ ସେମିଳିଗୁଡା କଲେଜର ଅଧ୍ୟାପିକା ଡା. ଝାନ୍‌ସୀ ସିଂ, ଅନ୍ୟତମ ଅତିଥି ରୂପେ ବବିତା ସାହୁ ଯୋଗଦେଇ ଦେଶ ଓ ପରିବାର ଗଠନରେ ନାରୀମାନଙ୍କ ଭୂମିକା ଅତୁଳନୀୟ। ତେବେ ପରିବାରରେ ସଂସ୍କାର ଆଣିବା ନାରୀର ପ୍ରଥମ କର୍ତ୍ତବ୍ୟ ଏବଂ ଆଜିର ନାରୀ ସଂସ୍କାରଠାରୁ କିଭଳି ଦୂରେଇଯାଉଛି ସେନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଗାୟତ୍ରୀ ବାହିନୀପତି ଯୋଗଦେଇ ନାରୀମାନେ ନିଜର ନାଗରିକ କର୍ତ୍ତବ୍ୟ ଏବଂ ସଂସ୍କୃତି ସୁରକ୍ଷା ଉପରେ ଧ୍ୟାନ ଦେଲେ ଭବିଷ୍ୟତର ଭାରତ ଉଜ୍ଜ୍ୱଳ ହେବ ବୋଲି କହିଥିଲେ। ତପସ୍ୱିନୀ କାର୍ଯ୍ୟକ୍ରମର କୋରାପୁଟ ନଗର ସଂଯୋଜିକା କୁମାରୀ ଗୌତମୀ ବାଇ ମଞ୍ଚ ପରିଚାଳନା କରିଥିଲେ। ପୂର୍ଣ୍ଣିମା ନାୟକ, ଦେବକୀ ପଟ୍ଟନାୟକ, ମୀରାବାଇ ପାଣି, ମମତା ଦାସ, ସୁମଲତା ବେହେରା, ସ୍ନିଗ୍ଧା ବ୍ରହ୍ମା, ତୃପ୍ତିମୟୀ ଷଣ୍ଢ, କେ. ପ୍ରୀତି, ପୁଷ୍ପାଞ୍ଜଳି ସିଂ, ଦିପାଞ୍ଜଳି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**କୋରାପୁଟରେ ମହିଳା ସମ୍ମିଳନୀ**




ସମ୍ମିଳନୀରେ ଉପସ୍ଥିତ ଅତିଥି।

## ଦାମନଯୋଡ଼ିରେ ଗୀତା ଜୟନ୍ତୀ

ଦାମନଯୋଡି,୨୪।୧୨(ନରସିଂହ ବ୍ରହ୍ମା)

ଦାମନଯୋଡ଼ି ସେକ୍ଟର-୧ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ରବିବାର ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳେ ସୂର୍ଯ୍ୟପୂଜା, ଘଟ ସ୍ଥାପନ, ଗଣପତିଙ୍କ ପୂଜା ପରେ ଗୀତାଯଜ୍ଞ ହୋଇଥିଲା। ଗୀତାର ସମସ୍ତ ଅଷ୍ଟାଦଶ ଅଧ୍ୟାୟ ପାଠ ସହ ପ୍ରତି ଶ୍ଳୋକରେ ଆହୁତି ପ୍ରଦାନ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ସମୂହ ଗୀତାପାଠ କରିଥିଲେ। ମନ୍ଦିର ପୂଜକ ଅଜୟ ପଣ୍ଡା ଓ ଅମିୟ ସାମନ୍ତରାୟ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଜଳେନ୍ଦ୍ର ତ୍ରିପାଠୀ ଓ ବିଜୟ ଆଚାର୍ଯ୍ୟ ସହଯୋଗ କରିଥିଲେ। ନକୁଳ ଚରଣ ପତି ଗୀତାପାଠ କରିଥିଲେ। ସୁଶାନ୍ତ ଦାଶ ଓ ସ୍ତ୍ରୀ ସରୋଜିନୀ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସ୍ୱାମୀ ସରଳାନନ୍ଦ ପରିବ୍ରାଜକ, ମନ୍ଦିର ପରିଚାଳନା କମିଟି କୋଷାଧ୍ୟକ୍ଷ ପି.କେ.ମହାରଣା, ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ସେନାପତି, ଲକ୍ଷ୍ମୀନାରାୟଣ ଦାଶ, ଜ୍ୟୋତ୍ସ୍ନା ଦାଶ, ଶିଶିର ପରିଡ଼ା, ପ୍ରକାଶ ଦ୍ୱିବେଦୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଖାଉଟିଙ୍କୁ ଠକୁଛି ସ୍ମାର୍ଟ ପଏଣ୍ଟ

ମାଲକାନଗିରି,୨୪।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦରରେ ଥିବା ସ୍ମାର୍ଟ ପଏଣ୍ଟ ଦୋକାନ ନିର୍ଦ୍ଧାରିତ ଦରଠାରୁ ଅଧିକ ନେଇ ଠକୁଥିବା ଅଭିଯୋଗ ଆଣିଲେ ଜଣେ ଗ୍ରାହକ।

ସୂଚନା ଅନୁଯାୟୀ, ଜିଲା ସଦର ମହକୁମା ସୁକୁମା ବାଇପାସ୍ ଛକ ନିକଟରେ ରିଲିଆନ୍ସ ସ୍ମାର୍ଟ ପଏଣ୍ଟ ନାମକ ଦୋକାନ ଥିବାବେଳେ ଏଠାରେ ପ୍ରତିଦିନ ଗ୍ରାହକ ବିଭିନ୍ନ ସାମଗ୍ରୀ କିଣିଥାନ୍ତି। ତେବେ ଏହି ଗୋଟିଏ ସ୍ଥାନରେ ଅନେକ ସାମଗ୍ରୀ ଉପଲବ୍ଧ ଥିବାରୁ ଅଧିକରୁ ଅଧିକ ଗ୍ରାହକ ଏଠାକୁ ଯାଉଥିବା ବେଳେ କୋରୁକୋଣ୍ଡା ବ୍ଲକର ହିମାଂଶୁ ଭୂଷଣ ଜେଠୀ ଏହି ଦୋକାନରୁ ବିଭିନ୍ନ ସାମଗ୍ରୀ କିଣିଥିଲେ। ତେବେ ଜେଠୀ ସାମଗ୍ରୀ କିଣି ଅର୍ଥ ମଧ ଦେଇଥିଲେ। କିନ୍ତୁ ଘରକୁ ଆସି ଜେଠୀ ରସିଦ ଯାଞ୍ଚ କରିବା ବେଳେ ସେ କିଣିଥିବା ଏକ ସାମଗ୍ରୀରେ ତାଙ୍କଠାରୁ ଅଧିକ ଦର ନେଇଥିବା ରସିଦରେ ଦେଖିବାକୁ ପାଇଥିଲେ। ଯେଉଁଥିରେ ଉକ୍ତ ସାମଗ୍ରୀରେ ଲେଖା ରହିଥିବା ଦରଠାରୁ ଅଧିକ ନେଇଥିବା ସେ ଜାଣିବା ପରେ ଏନେଇ ସେ ଖାଉଟି ଅଦାଲତର ଦ୍ୱାରସ୍ଥ ହେବାକୁ ନିଷ୍ପତି ନେଇଥିବା କହିଛନ୍ତି। ତେବେ ଜେଠୀ ସେଠାରୁ ଏକ ଲୁଣ ପ୍ୟାକେଟ କିଣିଥିବା ବେଳେ ଏହାର ଦର ୨୫ ଟଙ୍କା ଲେଖା ଥିଲା, ଯାହାକୁ ଉକ୍ତ ସ୍ମାର୍ଟ ପଏଣ୍ଟର କର୍ମଚାରୀ ୨୬ଟଙ୍କା ୪୬ ପଇସା ବିଲ କରି ତାଙ୍କଠାରୁ ନେଇଥିଲେ। ଏନେଇ ସ୍ମାର୍ଟ ପଏଣ୍ଟର ଉକ୍ତ କର୍ମଚାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ଭୁଲ ବଶତଃ ହୋଇଯାଇଛି। ଗ୍ରାହକ ଆସିଲେ ତାଙ୍କ ଠାରୁ ନେଇଥିବା ଅଧିକ ଅର୍ଥ ଆମେ ଫେରେଇ ଦେବୁ ବୋଲି ସେ ପ୍ରକାଶ କରିଛନ୍ତି ।




**ନିର୍ଦ୍ଧାରିତ ଦରଠାରୁ ଅଧିକ ନେଉଥିବା ଅଭିଯୋଗ**

## ସଂକ୍ଷେପରେ

### ବିଷମକଟକରେ ବଡଦିନ ପାଳିତ



ବିଷମକଟକ,୨୪।୧୨(ବିଭୂତି ଭୂଷଣ ନାୟକ)

ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ମୁଖ୍ୟ ପର୍ବ ହେଉଛି ବଡଦିନ। ନବବର୍ଷ ପର୍ଯ୍ୟନ୍ତ ସେମାନେ ଆନନ୍ଦଉଲ୍ଲାସର ସହ ଏହାକୁ ପାଳନ କରିଥାନ୍ତି। ବଡଦିନ ପୂର୍ବ ରାତ୍ରିଠାରୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଧରାବତରଣ ସମୟ ପର୍ଯ୍ୟନ୍ତ ସେମାନେ ଉଜାଗର ରହି ଅପେକ୍ଷା କରିଥାନ୍ତି। ବିଷମକଟକରେ ଡିସେମ୍ବର ୨୫ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିନ ପାଳନ ଅବସରରେ ସେମାନେ ନିଜ ନିଜ ଗିର୍ଜା, ଚର୍ଚ୍ଚଗୁଡ଼ିକୁ ସୁନ୍ଦର ରଙ୍ଗ ବେରଙ୍ଗ ତୋରଣ ଓ ଆଲୋକମାଳାରେ ସଜାଇଛନ୍ତି। ସେମାନଙ୍କ ଚର୍ଚ୍ଚକୁ ଆଲୋକମାଳାରେ ସଜାଇ ସନ୍ଧ୍ୟାରେ ସମୂହ ପ୍ରାର୍ଥନା କରିଛନ୍ତି। ଚର୍ଚ୍ଚ ପରିସରରେ ଉପାସନା କାର୍ଯ୍ୟ କରାଯାଇଛି। ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ରାତି ଉଜାଗର ରହିଥିବା ଦେଖିବାକୁ ମିଳିଛି। ସୋମବାର ସେମାନେ ଚର୍ଚ୍ଚରେ ବଡଦିନର ପ୍ରାର୍ଥନା କରିବା ସହ ପରସ୍ପରକୁ ବଡଦିନର ଶୁଭେଚ୍ଛା ଜଣାଇବେ।

### ସାଇପ୍ରିୟାନଗରରୁ ସୁନା, ରୁପା, ୫୦ହଜାର ଟଙ୍କା ଲୁଟ୍

ରାୟଗଡ଼ା,୨୪।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଶେଷ ଭାଗରେ ଥିବା ସାଇପ୍ରିୟାନଗର ୬ଷ୍ଠ ଲେନ୍‌ର ଏକ ଘରୁ ଶନିବାର ରାତିରେ ଚୋରି ହୋଇଛି। କାଶୀପୁର ବ୍ଲକ ଅମରସିଂଗୁଡ଼ା ଗ୍ରାମର କାର୍ତ୍ତିକ ନାଏକ ସେଠାରେ ଭଡ଼ାରେ ରହୁଛନ୍ତି। ସପରିବାର ଏକ ଦଶାହ କାର୍ଯ୍ୟରେ ଯୋଗଦେବା ପାଇଁ ୨୧ ତାରିଖରେ ସେମିଲିଗୁଡ଼ା ଯାଇଥିଲେ । ସେଠାରୁ ଫେରିବା ପରେ ଘରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଚଳାଇଛି। କାର୍ତ୍ତିକଙ୍କ କହିବାନୁସାରେ ୨ ଭରି ସୁନା, ୧୫ ଭରି ରୁପା ସମେତ ୫୦ହଜାର ଟଙ୍କା ଚୋରି ହୋଇଛି।

### ମୋ ଜଙ୍ଗଲ ଜମି ଯୋଜନା ତାଲିମ କାର୍ଯ୍ୟକ୍ରମ

ତେନ୍ତୁଳିଖୁଣ୍ଟି, ୨୪।୧୨(ଚିଦାନନ୍ଦ ସାହୁ)

ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟରେ ନବରଙ୍ଗପୁର ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମୋ ଜଙ୍ଗଲ ଜମି ଯୋଜନା ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ କରାଯାଇଛି। ବ୍ୟକ୍ତିଗତ ଜଙ୍ଗଲ ଜମି ଅଧିକାର, ଗୋଷ୍ଠୀଗତ ଜଙ୍ଗଲ ଜମି ଅଧିକାର ଓ ଗୋଷ୍ଠୀଗତ ସମ୍ବଳ ଅଧିକାରର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଛି। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଆଇଟିଡିଏ, ଏଫ୍‌ଇଏସ୍, ଆର୍‌ସିଡିସି କର୍ମକର୍ତ୍ତା ବି. ଶିବଶଙ୍କର ଦୋରା, ଦୁଷ୍ମନ୍ତ ଓଝା ତାଲିମ ଦେଇଛନ୍ତି। ନବରଙ୍ଗପୁର, ନନ୍ଦାହାଣ୍ଡି, ତେନ୍ତୁଳଖୁଣ୍ଟିର ଜଙ୍ଗଲ ବିଭାଗ କର୍ମଚାରୀ, ଆର୍‌ଆଇ ଏବଂ କମ୍ୟୁନିଟି ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟିକୁ ନବରଙ୍ଗପୁର ଆଇଟିଡିଏ, ନବରଙ୍ଗପୁର, ନନ୍ଦାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ତହସିଲ ଏଫ୍‌ଆର୍‌ଏ ସେଲ୍ ଆୟୋଜନ କରିଥିଲେ। ନବରଙ୍ଗପୁର ତହସିଲ ଏଫ୍‌ଆର୍‌ଏ ସେଲ କୋଅର୍ଡିନେଟର ଦିଲୀପ ଚୌଧୁରୀ, ନନ୍ଦାହାଣ୍ଡି ତହସିଲ ଏଫ୍‌ଆର୍‌ଏ ସେଲ୍ କୋଅର୍ଡିନେଟର ଅରୁଣ ଦାଶ, ତେନ୍ତୁଳିଖୁଣ୍ଟି ତହସିଲ ଏଫ୍‌ଆର୍‌ଏ ସେଲ କୋଅର୍ଡିନେଟର ବିକ୍ରମ ଗୌଡ଼ ପରିଚାଳନା କରିଥିଲେ।

### ଅକ୍ଷତ କଳସକୁ ସ୍ୱାଗତ



କୋଡ଼ିଙ୍ଗା, ୨୪।୧୨(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗାରେ ଅକ୍ଷ୍ୟତ କଳସ ପହଞ୍ଚିଛି। ଏହାକୁ ଗ୍ରାମବାସୀ ଗାଁ ମୁଣ୍ଡରେ ସ୍ୱାଗତ ସଂକୀର୍ତ୍ତନରେ ନଗର ପରିକ୍ରମା କରିଥିଲେ। ଏହି କଳସ ଏଠାରୁ କୋଷାଗୁମଡ଼ା ଯାଇ ଜଗନ୍ନାଥ ମନ୍ଦିରରେ ରହିବ। ସେଠାରୁ ବ୍ଲକର ସମସ୍ତ ପଞ୍ଚାୟତକୁ ନେବାର କାର୍ଯ୍ୟକ୍ରମ ରହିଥିବା କର୍ଯ୍ୟକର୍ତ୍ତାମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ, ଆର୍‌ଏସ୍‌ଏସ୍ ଏବଂ ଅନେକ ହିନ୍ଦୁ ସଂଗଠନ ସାମିଲ ଥିଲେ।

# ମାଳିଙ୍କୁ ଆଦିବାସୀ ମାନ୍ୟତା ଦାବି

ଚନ୍ଦାହାଣ୍ଡି, ୨୪।୧୨(ଦିଲୀପ ଦାସ)



ଏକାଠି ହୋଇଥିବା ମାଳି ସମାଜର କର୍ମକର୍ତ୍ତା ।

ମାଳି ସମାଜ ବିକାଶ ପରିଷଦର ନବରଙ୍ଗପୁର ସଭାପତି ତିଳକରାମ ମାଳିଙ୍କ ସଭାପତିତ୍ୱରେ ଅବିଭକ୍ତ କୋରାପୁଟ ଜିଲା ମାଳି ସମାଜର ବାର୍ଷିକ ସମ୍ମିଳନୀ ଚନ୍ଦାହାଣ୍ଡି ବ୍ଲକ ସିନାପାଲି ଆମ୍ବତୋଟାରେ ଅନୁଷ୍ଠିତ ହୋଇଛି। ଅବିଭକ୍ତ କୋରାପୁଟ ଜିଲା ମାଳି ସମାଜର ସଭାପତି ଦାଶରଥୀ ମାଳି ମୁଖ୍ୟ ଅତିଥି, ରାଜେନ୍ଦ୍ର ଖରା ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ତିଳକରାମ ନାଗେଶ, ଦୈତାରୀ ଖିଲୋ, ଅମିନ୍ଦ୍ର ଖରା, ଅଧିରାଜ ନାୟକ, କ୍ଷୀରମଳ ନାଗେଶ, ଥବୀର ନାୟକ, ଯୁଗେଶ୍ୱର ନାୟକ, ପଦଲାମ ନାୟକ, ଗୁପ୍ତ ଖରା, ବିଜୟ ବୋଡ଼କିଆ ପ୍ରମୁଖ ମଞ୍ଚାସୀନ ଥିଲେ। ମାଳି ଜାତିର ସାମାଜିକ ସଂସ୍କାର, ସାମ୍ବିଧାନିକ ହକ ଓ ଅଧିକାର ପାଇଁ ଲଢ଼େଇ ସହ ମାଳି ଜାତିକୁ ଆଦିବାସୀ ମାନ୍ୟତା ଦାବି ନେଇ ଏକାଠି ହେବାକୁ ଅତିଥିମାନେ ଆହ୍ୱାନ ଦେଇଛନ୍ତି।

ମାଳି ଜାତି ଏ ଦେଶର ସାଧାରଣ ଜନତା, ମହିଳା ଙ୍କୁ ଶିକ୍ଷା ଲାଭ କରିବାର ସୁପଥ ଦେଖାଇଥିଲେ। ମହାତ୍ମା ଜ୍ୟୋତିବା ଫୁଲେ ଓ ସାବିତ୍ରୀ ବାଇ ଫୁଲେ ସମଗ୍ର ଭାରତ ବର୍ଷର ସାର୍ବଜନୀନ ଶିକ୍ଷା ଓ ନାରୀ ଶିକ୍ଷାର ମୂଳଦୂଆ ପକାଇଥିଲେ। ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଚାଲିବାକୁ ସଭାପତି ଦାଶରଥି ମାଳି କହିଛନ୍ତି। ମୂଳରୁ ଆମେ ଆଦିବାସୀ ଭାବେ ରହି ଆସୁଥିବାବେଳେ ୧୯୫୧ ମସିହାରୁ ଆଦିବାସୀ ମାନ୍ୟତାରୁ ବଞ୍ଚିତ କରାଯାଇଛି। ସାମୁହିକ ଭାବେ ମାଳି ଜାତିକୁ ଆଦିବାସୀ ମାନ୍ୟତା ଦାବିରେ ରାଜ୍ୟ ସରକାର ପାତରଅନ୍ତର କରୁଛନ୍ତି। ଏ ନେଇ ମିଳିତ ଲଢ଼େଇ କରିବାକୁ ହେବ ବୋଲି କୁହାଯାଇଛି। ମାଳି ସମାଜର ଦାବିକୁ ସରକାର ଅଣଦେଖା କରନ୍ତି ତେବେ ଏହାର ଉଚିତ୍ ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ସରକାରଙ୍କ ଆଦିବାସୀ ସମିତି ଆୟୋଗ ମାଳି ସମାଜକୁ ଆଦିବାସୀ ମାନ୍ୟତା ପ୍ରଦାନ ପାଇଁ ସୁପାରିଶ କରି ସାରିଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ଅନୁମୋଦନ ପାଇଁ ନପଠାଇ ଟାଳଟୁଳ ନୀତି ଅବଲମ୍ବନ କରୁଥିବା କହିବା ସହ ଏହାକୁ ନିନ୍ଦା କରାଯାଇଛି। ଆଦିବାସୀ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ଅବିଭକ୍ତ କୋରାପୁଟ ଜିଲା ମାଳି ସମାଜ ସମ୍ପାଦକ ରାଜେନ୍ଦ୍ର ଖରା କହିଛନ୍ତି। ପାନାବେଡ଼ା ଅଞ୍ଚଳରେ ବସବାସ କରୁଥିବା ମାଳି ଜାତିର ଲୋକମାନଙ୍କୁ ମାଳି ସମାଜର ଅଧିଷ୍ଠିତ ବ୍ୟକ୍ତିମାନେ ଶୋଷଣ ଓ ନିର୍ଯ୍ୟାତନା ଦେଉଥିବା ମାଳି ଜାତି ବିକାଶ ପରିଷଦ ଚନ୍ଦାହାଣ୍ଡି ସମ୍ପାଦକ ଯତୀନ୍ଦ୍ର କୁମାର ନାୟକ ଅଭିଯୋଗ କରିଛନ୍ତି।

ନୂତନ ମାଳି ଜାତି ବିକାଶ ପରିଷଦ ଚନ୍ଦାହାଣ୍ଡିର କର୍ମକର୍ତ୍ତା ଚୟନ କରାଯାଇଛି। ଡମ୍ବରୁଧର ଫୁଲ ବରଗିଆ ସଭାପତି, କୋକିଳ ନାୟକ ଉପସଭାପତି, ଯତୀନ୍ଦ୍ର ନାୟକ ସମ୍ପାଦକ, ଭକଚନ ନାୟକ, ଲଳିତ ନାୟକ ସହ ସମ୍ପାଦକ, ଘାସିରାମ ନାୟକ କୋଷାଧ୍ୟକ୍ଷ, ସଙ୍ଗଠକଭାବେ ମହେନ୍ଦ୍ର ନାୟକ, ଘନଶ୍ୟାମ ନାୟକ, ଚନ୍ଦ୍ରମୋହନ ନାୟକ, ମୋହନ ନାୟକଙ୍କୁ ଚୟନ କରାଯାଇଛି। ମାର୍ଗଦର୍ଶକଭାବେ ଅଧିରାଜ ନାୟକ ଓ ପରମାନନ୍ଦ ନାୟକଙ୍କୁ ନିୟୋଜିତ କରାଯାଇଛି । ଉଗ୍ରସେନ ମାଳି, ଖଟ ବିଶି, ଅନନ୍ତ ମଶ୍ରା, ଲଳିତ ଅରୋବେଡ଼ିଆ , ଶ୍ରୀଧର ମଶ୍ରା, ଭରତ ନାୟକ, ଗିରିଧାରୀ ବୋଡକିଆ, ଡିଙ୍ଗର ଟୋଲଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପା, କଂଗ୍ରେସ ଛାଡ଼ି ବିଜେଡିରେ ମିଶିଲେ ଶତାଧିକ କର୍ମୀ

ଉମରକୋଟ, ୨୪।୧୨(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ନିର୍ବାଚନ ମଣ୍ଡଳୀକୁ ଦୃଢ଼ କରିବା ଲକ୍ଷ୍ୟରେ ବିଜେଡି ପକ୍ଷରୁ ଏକ ମିଶ୍ରଣ କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଉମରକୋଟସ୍ଥିତ ବାସଭବନରେ ଆୟୋଜିତ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସମେତ ରାଜ୍ୟ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ଉମରକୋଟ ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସ, ରାଇଘର ବ୍ଲକ ଉପାଧ୍ୟକ୍ଷ ଗୁପ୍ତ ଖାଙ୍କରଙ୍କ ସହ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ। ଭାଜପା ଓ କଂଗ୍ରେସ ଛାଡି ଅନେକ କର୍ମୀ ବିଜେଡିରେ ମିଶିଛନ୍ତି। ଉମରକୋଟ ଆମ୍ବେଦକର ବିଚାର ମଞ୍ଚର ସମସ୍ତ ସଦସ୍ୟ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ଉମରକୋଟ ବ୍ଲକ ମେଦାବେଡା, ସେମଲା, କପେନା, କୁର୍ଷି, ସୁକିଗାଁ, ଖାଣ୍ଡା ଅଞ୍ଚଳବାସୀ ଏବଂ ଭାଜପା ନର୍ସିଂ କଲାର ମଧ୍ୟ ଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ସମସ୍ତଙ୍କୁ ଏମ୍‌ପି ମାଝି ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ରାଜ୍ୟରେ ଦ୍ରୁତ ଗତିରେ ଚାଲିଥିବା ବିକାଶ, ୫–ଟିରେ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶ, ନବରଙ୍ଗପୁର ଜିଲାରେ ଏମ୍‌ପିଙ୍କ ଉନ୍ନତିମୂଳକ କାର୍ଯ୍ୟ ଓ ସାଙ୍ଗଠନିକ ଦକ୍ଷତାକୁ ଦେଖି ସମସ୍ତେ ଦଳରେ ସାମିଲ ହେଇଥିବା ନୂତନ କର୍ମୀମାନେ କହିଛନ୍ତି। ଦଳ ଏବେ ଆହୁରି ଦୃଢ଼ ହେବାରେ ଲାଗିଛି। ଏହି ମିଶ୍ରଣ ପର୍ବ ନିଶ୍ଚିତ ପ୍ରଭାବ ପକାଇବ। ଆସନ୍ତା ନିର୍ବାଚନରେ ଉମରକୋଟ ବିଧାନସଭା ଆସନକୁ ବିଜେଡି ହାତେଇବ ବୋଲି ଏମ୍‌ପି କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଉମରକୋଟ ବ୍ଲକ ବିଜେଡି ସଭାପତି ମନୋଜ ଧଳ, ଅଜିତ କୁମାର ପ୍ରଧାନ, ନଗର ସଭାପତି କୈଳାସ ନାୟକ, ଯୁବ ବିଜେଡି ନଗର ସଭାପତି ମନୋଜ ନାୟକ, ଶରତ ଚନ୍ଦ୍ର ପାଣିଗ୍ରାହୀ, ଛନ୍ଦାଚରଣ ଜେନା, ରମେଶ ଜେନା, ଶୋଭା ସିଂ ମାଝିଙ୍କ ସହ ଦଳୀୟ ନେତା ଉପସ୍ଥିତ ଥିଲେ।

## ଶୋଭାଯାତ୍ରାରେ ଅଯୋଧ୍ୟାର ଅକ୍ଷତ କଳସ




ଆସିଥିବା ଅକ୍ଷତ କଳସକୁ ସ୍ୱାଗତ ଲାଗି ବାହାରିଥିବା ଶୋଭାଯାତ୍ରା।

ଗୁଣପୁର,୨୪।୧୨(ପ୍ରଦୀପ କୁମାର ପାଢ଼ୀ )

ଶ୍ରୀରାମଙ୍କ ଜୟ ଧ୍ୱନିରେ ରବିବାର ରାୟଗଡ଼ା ଜିଲା ଗୁଣପୁର ସହର ପ୍ରକମ୍ପିତ ହୋଇଛି। ହୋମଯଜ୍ଞ ଓ ନାମ ସଙ୍କୀର୍ତ୍ତନରେ ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସକୁ ସହରର ବିଭିନ୍ନ ୱାର୍ଡରେ ବଣ୍ଟନ କରାଯାଇଥିଲା। ଏଥିପାଇଁ ସହରରେ ଏକ ଶୋଭାଯାତ୍ରା ହୋଇଥିଲା। ରାମମନ୍ଦିରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପବିତ୍ର ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାର ଶ୍ରୀରାମ ଲାଲାଙ୍କ ଠାରେ ପୂଜିତ ଏବଂ ଅଭିମନ୍ତ୍ରିତ ପବିତ୍ର ଅକ୍ଷତ କଳସ ସହ ରାମ ବାର୍ତ୍ତା ସହରର ପ୍ରତେକ ଘରେ ପହଞ୍ଚାଇବା ନେଇ ପ୍ରୟାସ କରାଯାଇଥିଲା। ସହରର ୧୯ଟି ୱାର୍ଡର ବିଭିନ୍ନ ମନ୍ଦିର ଓ ପୂଜା ମଣ୍ଡପକୁ କଳସ ପହଞ୍ଚାଯାଇଥିଲା। ପରେ ସମସ୍ତଙ୍କ ଘରେ ଉକ୍ତ ଅକ୍ଷତ କଳସ ସହ ଶ୍ରୀରାମଙ୍କ ଫଟୋ ଏବଂ ଅଯୋଧ୍ୟାର ପ୍ରତିଷ୍ଠା ଉତ୍ସବକୁ ନିମନ୍ତ୍ରଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ୱାଇ. ଗଣପତି ଏବଂ ତାଙ୍କସ୍ତ୍ରୀ କର୍ତ୍ତାଭାବେ ପୂଜାରେ ବସିଥିଲେ। ପୌରାଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଆଦିତ୍ୟ ବାହାନୀର ତିରୁପତି ମହାନ୍ତି, ରଘୁନାଥ ସାହୁ, ଉମା ଶଙ୍କର ଦାସ, ଗୋପାଳ ଦେବପାତ୍ର, ଶ୍ରୀନିବାସ ସ୍ୱାଇଁ, ବସନ୍ତ ମିଶ୍ର, ବାଲୁ ପାଢୀ, ସାରଙ୍ଗ ନାଗବଂଶ, ରାମ ପଣ୍ଡା, ଏସ. ବାବା ପ୍ରସାଦ, ଅମର ସାହ,ମନ୍ଦିର କମିଟିର ଲାଡି ସେଠ୍ଠି, ସତ୍ୟସାଇ ସେବା ସମିତିର ବହୁ ସଦସ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଗୁଣପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ୍ୟ ଅକ୍ଷତ କଳସ ପ୍ରଦାନ କରାଯାଇଥିଲା ।

## ବିଶ୍ୱଶାନ୍ତି ଗୀତା ଯଜ୍ଞ

ଟିକିରି, ୨୪।୧୨ (ପ୍ରଫୁଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଜଗନ୍ନାଥ ମନ୍ଦିର ପରିସରରେ ଟିକିରି ଆଞ୍ଚଳିକ ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ଜୟନ୍ତୀ ଉପଲକ୍ଷେ ବିଶ୍ୱଶାନ୍ତି ଗୀତା ଯଜ୍ଞ ଅନୁଷ୍ଠିତ ହେଉଛି। ବ୍ରାହ୍ମଣ ସମାଜ ସଭାପତି ବିଜୟ କୁମାର ଶତପଥୀ ଓ ଟିଙ୍କୁ ପାତ୍ରଙ୍କ ତତ୍ତ୍ୱାବଧାନରେ ଅଞ୍ଚଳର ପ୍ରାୟ ୨୦୦ ପରିବାର ଲୋକେ ଉପସ୍ଥିତ ରହି ଯଜ୍ଞ ପରିଚାଳନା କରିଥିଲେ। ପିତବାସ ପାଢୀ,ରାଜେନ୍ଦ୍ର ପ୍ରସାଦ ପାଢୀ, ସୀମାଞ୍ଚଳ ଷଡ଼ଙ୍ଗୀ, ନିରଞ୍ଜନ ତ୍ରିପାଠୀ, ଅନନ୍ତ ଷଡ଼ଙ୍ଗୀ, ମନୋରଞ୍ଜନ ପଣ୍ଡା, ରବୀନ୍ଦ୍ର ତ୍ରିପାଠୀ, ହରିହର ମିଶ୍ର,ପ୍ରସନ୍ନ ପାତ୍ର,ପଞ୍ଚାନନ ପଣ୍ଡା,ପ୍ରକାଶ ମହାପାତ୍ର, ବୁଲୁ,ମିଶ୍ର,ପିଙ୍କୁ ସାବତ ଓ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷା ଭବିଷ୍ୟତ ସମୃଦ୍ଧ କରେ



ଉତ୍ସବରେ ଉପସ୍ଥିତ ଅତିଥି।

### ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ବାର୍ଷିକ ଉତ୍ସବ ଉଦ୍‌ଘାଟିତ

ରାୟଗଡା,୨୪।୧୨ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ସହର ଉପଖଣ୍ଡ ପିତାମହଲସ୍ଥିତ ସେଞ୍ଚୁରିଅନ ବିଶ୍ୱ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ପିକେ ଗନ୍ତାୟତ, ସେଞ୍ଚୁରିଅନ ବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ନିର୍ଦ୍ଦେଶକ ଡ. ରାଜେଶ ପାଢ଼ୀ, ବିଦ୍ୟାଳୟ ଅଧକ୍ଷ ରାଧାକ୍ରିଷ୍ଣା ମହାପାତ୍ର, ବିଶ୍ୱ ବିଦ୍ୟାଳୟ ଅଧକ୍ଷ ଡ. ଚନ୍ଦ୍ରଶେଖର ପାତ୍ର, ବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ପ୍ରଶାସନିକ ଅଧିକାରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷା ଶିକ୍ଷାର୍ଥୀଙ୍କ ଭବିଷ୍ୟତ ସମୃଦ୍ଧ କରେ। ସମାଜରେ ଶୃଙ୍ଖଳିତ ମଣିଷ ଗଠନରେ ଶିକ୍ଷାର ଭୂମିକା ମହତ୍ୱପୂର୍ଣ୍ଣ। ରାୟଗଡା ଭଳି ଆଦିବାସୀ ଅଧୁଷିତ ଜିଲାରେ ଶିକ୍ଷା ହାର କମ୍ ରହିଛି। ତେଣୁ ସେଞ୍ଚୁରିଅନ ଭଳି ଶିକ୍ଷାନୁଷ୍ଠାନ ଅଞ୍ଚଳର ଯୁବପିଢୀଙ୍କୁ ଶିକ୍ଷାଦ୍ୱାରା ଆତ୍ମନିର୍ଭରଶୀଳ କୌଶଳ ପ୍ରଦାନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି ବୋଲି ବିଧାୟକ ମକରନ୍ଦ ମୁଦୁଲି କହିଥିଲେ। ସେଞ୍ଚୁରିଅନ ୨୦୧୦ରେ ରାୟଗଡାରେ ସ୍ଥାପିତ ହୋଇଥିଲା। ୩୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଥମେ ଆରମ୍ଭ ହୋଇଥିବା ଏହି ଶିକ୍ଷାନୁଷ୍ଠାନ ୧୩ବର୍ଷ ମଧ୍ୟରେ କିଭଳି ସଫଳତାର ଶୀର୍ଷରେ ପହଞ୍ଚିଛି ତାହା ବିଶ୍ୱ ବିଦ୍ୟାଳୟ ନିର୍ଦ୍ଦେଶକ ରାଜେଶ ପାଢୀ ଅବଗ କରାଥିଲେ। ଏହି ଅବସରରେ ସେଞ୍ଚୁରିଅନ ପବ୍ଲିକ ସ୍କୁଲ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା କୃତୀ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ପାଲଟିଥିଲେ ଓଡ଼ିଆ ସିନେମା ଜଗତର ଜଣାଶୁଣା ଅଭିନେତା ଶୈଲେନ୍ଦର ସାମନ୍ତରାୟ। ସେ ଡ୍ୟାନ୍ସର ଝଲକ ଦେଖାଇ ସମସ୍ତଙ୍କୁ ମୁଗ୍ଧ କରି ଦେଇଥିଲେ।

## ରୀତାରାଣୀଙ୍କୁ ଇଣ୍ଡିଆନ ଆଇରନ ଲେଡି ପୁରସ୍କାର

### ଭାରତୀୟ ମହିଳା ଅଲିମ୍ପିକ ଆସୋସିଏଶନ ପକ୍ଷରୁ ମିଳିଲା ସମ୍ମାନ

ରାୟଗଡ଼ା,୨୪।୧୨ (ଭାଗ୍ୟଶ୍ରୀ ମିଶ୍ର)




ରୀତାରାଣୀଙ୍କୁ ପୁରସ୍କୃତ କରାଯାଉଛି ।

ରାୟଗଡ଼ା ମହିଳା ମହାବିଦ୍ୟାଳୟର କ୍ୟାପଟେନ ରୀତାରାଣୀ ମିଶ୍ରଙ୍କୁ ରବିବାର ଇଣ୍ଡିଆନ ଆଇରନ ଲେଡି ପୁରସ୍କାର ମିଳିଛି। ଅନ୍ତର୍ଜାତୀୟ ମହିଳା ଅଲିମ୍ପିକ କମିଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଭାରତୀୟ ମହିଳା ଅଲିମ୍ପିକ ଆସୋସିଏଶନ ପକ୍ଷରୁ ରୀତାରାଣୀଙ୍କୁ ଏହି ପୁରସ୍କାର ମିଳିଛି। ହରିୟାଣାର ପାନିପଥରେ ଆୟୋଜିତ ଆୱାର୍ଡ ସେରିମନିରେ ଶାରୀରିକ ଫିଟ୍‌ନେସ ବୋର୍ଡ ନିର୍ଦ୍ଦେଶକ ସନ୍ଦୀପ ଭଲା ରୀତାରାଣୀଙ୍କୁ ମାନପତ୍ର, ଟ୍ରଫି ଏବଂ ଉପଢ଼ୌକନ ଦେଇ ସମ୍ମାନିତ କରିଛନ୍ତି। ରାୟଗଡ଼ା ଭଳି ଆଦିବାସୀ ଅଧୁଷିତ ଅଞ୍ଚଳରୁ ଅନେକ ଝିଅଙ୍କୁ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ତଥା ରାଜ୍ୟ ବାହାରେ ସାମିଲ କରିଥିବା ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିୟୋଜିତ ଥିବାରୁ ରୀତାରାଣୀଙ୍କୁ ଏହି ପୁରସ୍କାର ଦିଆଯାଇଛି। ଏହି ପୁରସ୍କାର ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେବ ବୋଲି ରୀତାରାଣୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ରୀତାରାଣୀଙ୍କୁ ଏହି ପୁରସ୍କାର ମିଳିବା ପରେ ରାୟଗଡ଼ା ଜିଲାବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କାମତାକୁ ହରାଇ ଚିତ୍ରକୋଟ ଫୁଟ୍‌ବଲ ଚାମ୍ପିୟନ

### ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ

ତେନ୍ତୁଳିଖୁଣ୍ଟି, ୨୪।୧୨(ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ କରାଯାଇଛି। ଏହି ଉପଲକ୍ଷେ ନୋଡ଼ାଲ ବାପୁଜି ହାଇସ୍କୁଲ ପଡ଼ିଆରେ ଖେଳ ଅନୁଷ୍ଠିତ ହେଉଛି। ରବିବାର ଚିତ୍ରକୋଟ ଓ କାମତା ମଧ୍ୟରେ ଫୁଟବଲ୍ ମ୍ୟାଚ ଖେଳାଯାଇଛି। ସେଥିରେ ଚିତ୍ରକୋଟ ଚାମ୍ପିୟନ ହୋଇଛି। ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ବ୍ଲକ ଚେୟାରମ୍ୟାନ ନିଳାଦ୍ରୀ ନାୟକ, ଭାଇସ ଚେୟାରମ୍ୟାନ ରାଜେନ୍ଦ୍ର ବିଷୋୟୀ, ବିଜେଡି ଯୁବ ସଭାପତି ସୁରେଶ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଇଣ୍ଟିଗାଲ ବିଦ୍ୟାଳୟର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ଚାମ୍ପିୟନ ଦଳକୁ ୨୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଛି। ଖେଳରେ ସହଯୋଗ କରିଥିବା କ୍ରୀଡ଼ାବିତ ଗୋପାଳ କୃଷ୍ଣ ନାୟକଙ୍କୁ ଟ୍ରଫି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ତେନ୍ତୁଳିଖୁଣ୍ଟି ବ୍ଲକର ସମସ୍ତ କର୍ମଚାରୀ, ସିପି ଅଜିତ ମିଶ୍ର, ଜିଆର୍‌ଏସ୍ ବେଣୁଧର ପାଢ଼ି, ଗୌରୀ କର୍କରା, ଜେଇ କାରନ୍ତି ପଟ୍ଟନାୟକ, ଏମ୍‌ଆଇ ରୋହିତ ମାଝି, ଡବ୍ଲୁଇଓ ଜଗମୋହନ ମାଝି, ରବୀନ୍ଦ୍ର ସାହୁ, ବାଜିଜ ପଟ୍ଟନାୟକ, ବାବୁଲା ନାୟକ, ଟୁନା ଷଡ଼ଙ୍ଗୀଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଅତିଥି ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି।

# ସୂର୍ଯ୍ୟା-୧୧ ବିଜୁ ଉମରକୋଟ ପ୍ରିମିୟର ଲିଗ୍ ଚାମ୍ପିୟନ

ଉମରକୋଟ, ୨୪।୧୨(ସନ୍ତୋଷ ଶତପଥୀ)




ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

ବିଜୁ ଉମରକୋଟ ପ୍ରିମିୟର ଲିଗ୍ ଷଷ୍ଠ ସଂସ୍କରଣର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଛି। ଫାଇନାଲ ମ୍ୟାଚ ଝାରସୁଗୁଡ଼ା ଓ ସୂର୍ଯ୍ୟା–୧୧ ମଧ୍ୟରେ ଖେଳାଯାଇଛି। ସୂର୍ଯ୍ୟା–୧୧ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୧ ରନ୍ କରିଥିଲା। ସୂର୍ଯ୍ୟା–୧୧ ଅଧିନାୟକ ତଥା ଆଇପିଏଲ୍ ଟିମ୍ ରାଜାସ୍ଥାନ ରୟାଲର ପୂର୍ବତନ ଖେଳାଳି କମରାନ ଖାନ ୪୬ ବଲରେ ୮୪ ରନ୍ କରିଛନ୍ତି। ଝାରସୁଗୁଡ଼ା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୫୯ ରନ୍ କରିଥିଲା।

ଅନୁସୂଚିତ ଜାତି ଓ ଜନଜାତି, ପଛୁଆ ବର୍ଗ, ସଂଖ୍ୟା ଲଘୁ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି, ଏମ୍‌ପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ରାଜ୍ୟ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଏସ୍‌ଡିସି ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ବିଜେଡି ପୂର୍ବତନ ବିଧାୟକ, ରାଇଘର ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଗୁପ୍ତ ପ୍ରସାଦ ଖାଙ୍କର, ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ନିବେଦିତା ମହାନ୍ତି, ଦେବାଶିଷ ପାତ୍ର, ଜିଲା କ୍ରୀଡ଼ା ସଙ୍ଘ ସଭାପତି ଅର୍ଜ୍ଜୁନ ତ୍ରିପାଠୀ, ଜିଲା ବିଜେଡି ମହିଳା ସଭାପତି ମଞ୍ଜୁଳା ମାଝି, ଶରତ ପାଣିଗ୍ରାହୀ, ଖାଡ଼େଶ୍ୱର ମହାନ୍ତି, ରଜତ ସାନ୍ତ୍ରା, ରଶ୍ମିସାନ୍ତ୍ରା, ନରସିଂହ କଲାର ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ୮୪ ରନ ସହ ୪ ଉଇକେଟ ନେଇଥିବା କମରନ ଖାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଇଛି। ତାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ମଧ୍ୟ ମିଳିଛି। କମରାନ ଖାନଙ୍କ ଖେଳ ଦେଖିବା ପାଇଁ ଷ୍ଟାଡିୟମ୍‌ରେ ପ୍ରାୟ ୧୦ରୁ ୧୫ ହଜାର ଦର୍ଶକ ଉପସ୍ଥିତ ଥିଲେ। ବିଜେତା ସୂର୍ଯ୍ୟା ୧୧କୁ ୭୭ହଜାର ୭୭୭ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଉପବିଜେତା ଦଳ ଝାରସୁଗୁଡ଼ାକୁ ୫୫ ହଜାର ୫୫୫ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। କମରନ ଖାନଙ୍କୁ ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲର ଟ୍ରଫି ଝାରସୁଗୁଡ଼ାର ପ୍ରଦୀପଙ୍କୁ ଦିଆଯାଇଛି। ଖେଳକୁ ସୁଚାରୁ ରୂପେ ପ୍ରଚାର କରିଥିବାରୁ ଧରିତ୍ରୀ, ସମ୍ବାଦ ଓ ନିଉଜ ଓଡ଼ିଶାର ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଛି। କମିଟି ସଭାପତି ସୁଧାଂଶୁ ଦାସ, ଚନ୍ଦନ ବେହେରା, ଅଭିଳାସ ପଟ୍ଟନାୟକ, ତୋଫାନ ପାତ୍ର, ମୋହନ ନାଗ, ସନ୍ତୋଷ ସାହୁ, ଅକ୍ରୁର ଭାଇଙ୍କ ସହ ଅନ୍ୟସଦସ୍ୟଙ୍କୁ ଏମ୍‌ପି ଧନ୍ୟବାଦ ଦେଇଛନ୍ତି। ଉପ ବିଜେତାଙ୍କୁ ଦିଆଯାଇ ଥିବା ପୁରସ୍କାର ରାଶି କୁ ସଲିମ୍ ରାଠୋଡ ନିଜ ପକ୍ଷରୁ ଦେଇଛନ୍ତି।